# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 28 December – 2025

*********************************

## ମୁଖ୍ୟ ସମ୍ବାଦ

- ଜାତୀୟ ସୁରକ୍ଷାଠାରୁ ଆରମ୍ଭ କରି କ୍ରୀଡା, ବିଜ୍ଞାନ ପ୍ରୟୋଗଶାଳା ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ଦେଶର ସ୍ଥିତି ସୁଦୃଢ଼ ହୋଇଛି; ଆକାଶବାଣୀର ମନ୍ କୀ ବାତ୍‌ରେ କହିଲେ ପ୍ରଧାନମନ୍ତ୍ରୀ
- ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ପାର୍ବତୀ ଗିରିଙ୍କ ଅନନ୍ୟ ଯୋଗଦାନକୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା
- ରାଜ୍ୟ ସରକାରଙ୍କ ଅନୁମୋଦନ ପରେ ଶ୍ରୀମନ୍ଦିର ରତ୍ନଭଣ୍ଡାରର ଗଣତି-ମଣତି କରାଯିବ; କହିଲେ ଆଇନ୍‌ମନ୍ତ୍ରୀ

ଏବଂ

- ଭୁବନେଶ୍ୱରଠାରେ ବୁଥ୍‌ସ୍ତରୀୟ ଅଧିକାରୀଙ୍କ ସହ ଆସନ୍ତାକାଲି ଆଲୋଚନା କରିବେ ମୁଖ୍ୟ ନିର୍ବାଚନ ଆୟୁକ୍ତ

# ମନ୍ କି ବାତ୍

ଚଳିତବର୍ଷ ଜାତୀୟ ସୁରକ୍ଷାଠାରୁ ଆରମ୍ଭ କରି କ୍ରୀଡ଼ା, ବିଜ୍ଞାନ ପ୍ରୟୋଗଶାଳା ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଦେଶ ଅନେକ ସଫଳ ମୁହୂର୍ତ୍ତ ପ୍ରଦାନ କରିଛି ଯାହାକୁ ନେଇ ପ୍ରତ୍ୟେକ ଭାରତୀୟ ଗର୍ବିତ। ଦେଶ ବିଭିନ୍ନ କ୍ଷେତ୍ରରେ ନିଜର ସ୍ଥିତିକୁ ସୁଦୃଢ଼ କରିପାରିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ  ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ସମ୍ବୋଧନ କରି କହିଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି, ଅପରେସନ ସିନ୍ଦୂର ଚଳିତବର୍ଷ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗର୍ବର ପ୍ରତୀକ ପାଲଟିଛି । ସୁରକ୍ଷା ସହିତ ଭାରତ ସାଲିସ୍ କରେ ନାହିଁ ବୋଲି ବିଶ୍ୱକୁ ସ୍ପଷ୍ଟ ବାର୍ତ୍ତା ପ୍ରଦାନ କରିଛି। ସେ କହିଛନ୍ତି, ବନ୍ଦେ ମାତରମର ୧୫୦ତମ ବାର୍ଷିକୀ ପାଇଁ ପ୍ରତ୍ୟେକ ଦେଶବାସୀ ସମାନ ମନୋଭାବ ଏବଂ ଉତ୍ସାହ ପ୍ରଦର୍ଶନ କରିଛନ୍ତି । **#Vande Mataram150** ପୋର୍ଟାଲରେ ବାର୍ତ୍ତା ଏବଂ ପରାମର୍ଶ ପଠାଇବାକୁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଅନୁରୋଧ କରିଛନ୍ତି ।

କ୍ରୀଡ଼ା ଦୃଷ୍ଟିରୁ ମଧ୍ୟ ଚଳିତବର୍ଷ ଅନେକ ସୁଖଦ ମୁହୂର୍ତ୍ତ ଆଣିଦେଇଥିଲା ବୋଲି ଶ୍ରୀ ମୋଦୀ କହିଛନ୍ତି । ଭାରତୀୟ ପୁରୁଷ କ୍ରିକେଟ୍ ଦଳର ଆଇସିସି ଚମ୍ପିଆନ୍ସ ଟ୍ରଫି ଟାଇଟଲ ହାସଲ, ମହିଳା କ୍ରିକେଟ ଦଳ ପ୍ରଥମଥର ପାଇଁ ବିଶ୍ୱକପ୍ ଜିତିବା ଏବଂ ମହିଳା ଦୃଷ୍ଟିହୀନ କ୍ରିକେଟ୍ ଦଳ ଟି-୨୦ ବିଜୟୀ ହେବା ଇତିହାସ ସୃଷ୍ଟି କରିଛି ।

# - V/O -

ବିଶ୍ୱ ଚାମ୍ପିୟନସିପ୍ ପ୍ରତିଯୋଗିତାରେ ପାରା ଆଥ୍ଲେଟ୍‌ଙ୍କ ପଦକ ଜିତିବାକୁ ପ୍ରଧାନମନ୍ତ୍ରୀ ସ୍ମରଣ କରିଛନ୍ତି ।

ବିଜ୍ଞାନ ଏବଂ ମହାକାଶ କ୍ଷେତ୍ରରେ ମଧ୍ୟ ଭାରତ ଚଳିତବର୍ଷ ନିଜର ଉତ୍କର୍ଷ ପ୍ରତିପାଦନ କରିଛି । ଗ୍ରୁପ୍ କ୍ୟାପ୍‌ଟେନ୍ ଶୁଭାଂଶୁ ଶୁକ୍ଳା ପ୍ରଥମ ଭାରତୀୟ ଭାବେ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନରେ ପହଞ୍ଚିଥିଲେ ।

ପରିବେଶ ସଂରକ୍ଷଣ ଓ ବନ୍ୟପ୍ରାଣୀ ସୁରକ୍ଷା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତରେ ଚିତାବାଘଙ୍କ ସଂଖ୍ୟା ୩୦ରୁ ଅଧିକ ହୋଇଛି ।

ପ୍ରୟାଗରାଜର ମହାକୁମ୍ଭ ମେଳାର ସ୍ମୃତିଚାରଣ କରି ପ୍ରଧାନମନ୍ତ୍ରୀ କହିଛନ୍ତି ବିଶ୍ୱାସ, ସଂସ୍କୃତି ଏବଂ ଭାରତର ଅନନ୍ୟ ଐତିହ୍ୟର ଚଳିତବର୍ଷ ସମନ୍ୱୟ ଘଟିଛି । ବର୍ଷ ଶେଷଭାଗରେ ମଧ୍ୟ ଅଯୋଧ୍ୟା ରାମମନ୍ଦିରରେ ଧ୍ୱଜାରୋହଣ ସମାରୋହ ପ୍ରତ୍ୟେକ ଭାରତୀୟଙ୍କୁ ଗର୍ବିତ କରିଛି ।

ସ୍ୱଦେଶୀ ପ୍ରତି ଲୋକଙ୍କ ଉତ୍ସାହ ବୃଦ୍ଧି ପାଉଥିବା ନେଇ ଶ୍ରୀ ମୋଦୀ ସନ୍ତୋଷ ବ୍ୟକ୍ତ କରିଛନ୍ତି । ବିକଶିତ ଭାରତ ସ୍ୱପ୍ନ ପୂରଣ ଦିଗରେ ଏହା ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି ।

ପ୍ରତ୍ୟେକ କ୍ଷେତ୍ରରେ ଭାରତର ଯୁବଶକ୍ତିଙ୍କ ଯୋଗଦାନ ବିଶ୍ୱସ୍ତରରେ ଭାରତ ଉପରେ ଆଶା ଏବଂ ବିଶ୍ୱାସକୁ ବୃଦ୍ଧି କରିପାରିଛି ।

ବିଜ୍ଞାନ, ଉଦ୍ଭାବନ ଓ ପ୍ରଯୁକ୍ତିବିଦ୍ୟା ପ୍ରସାର କ୍ଷେତ୍ରରେ ଭାରତର ସଫଳତା ବିଶ୍ୱର ଅନ୍ୟ ରାଷ୍ଟ୍ରଗୁଡ଼ିକୁ ପ୍ରଭାବିତ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ବିକଶିତ ଭାରତ ଯୁବନେତୃତ୍ୱ ଆଲୋଚନାର ଦ୍ୱିତୀୟ ସଂସ୍କରଣର ଆୟୋଜନ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି , ଆସନ୍ତାମାସ ୧୨ ତାରିଖରେ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମବାର୍ଷିକୀ ଜାତୀୟ ଯୁବ ଦିବସ ପାଳନ ଅବସରରେ ଏହାର ଆୟୋଜନ କରାଯିବ ।

ନିକଟରେ ଶେଷ ହୋଇଥିବା ସ୍ମାର୍ଟ ଇଣ୍ଡିଆ ହାକାଥନ୍ ୨୦୨୫ ସମ୍ପର୍କରେ ଆଲୋଚନା କରି ପ୍ରଧାନମନ୍ତ୍ରୀ କହିଛନ୍ତି ୮୦ରୁ ଅଧିକ ସରକାରୀ ବିଭାଗର ୨୭୦ରୁ ଊର୍ଦ୍ଧ୍ୱ ସମସ୍ୟା ସମାଧାନ ଦିଗରେ ଏହି ଅବସରରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଗତ ୮ ବର୍ଷ ମଧ୍ୟରେ ୧୩ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଏବଂ ୬ହଜାରରୁ ଅଧିକ ଶିକ୍ଷାନୁଷ୍ଠାନ ସ୍ମାର୍ଟ ଇଣ୍ଡିଆ ହାକାଥନରେ ଅଂଶଗ୍ରହଣ କରିଛନ୍ତି । ପରବର୍ତ୍ତୀ ପୀଢ଼ି ଭାରତୀୟ ସଂସ୍କୃତିର ମୂଳ ଆଧାର ଭିତ୍ତିରେ ନୂତନ ଚିନ୍ତାଧାରା ଏବଂ ପଦ୍ଧତିର ସହ ଆଗକୁ ବଢୁଥିବା ନେଇ ପ୍ରଧାନମନ୍ତ୍ରୀ ଆନନ୍ଦ ପ୍ରକାଶ କରିଛନ୍ତି ।

ଦେଶ ଆସନ୍ତା ମାସରେ ୭୭ତମ ଗଣତନ୍ତ୍ର ଦିବସ ପାଳନ କରିବ। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀ ଏବଂ ସମ୍ବିଧାନ ନିର୍ମାତାଙ୍କ ପ୍ରତି ସମଗ୍ର ଦେଶ କୃତଜ୍ଞତା ଜଣାଇବ।

ଦେଶର ପ୍ରତ୍ୟେକ ଅଞ୍ଚଳର ଲୋକ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ। ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ପାର୍ବତୀ ଗିରିଙ୍କର ଭୂମିକାକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି।

ଶ୍ରୀ ମୋଦୀ କହିଛନ୍ତି, ମାତ୍ର ୧୬ ବର୍ଷ ବୟସରେ ଭାରତଛାଡ ଆନ୍ଦୋଳନରେ ପାର୍ବତୀ ଗିରି ଯୋଗ ଦେଇଥିଲେ। ପରେ ସମାଜ ସେବା ଏବଂ ଆଦିବାସୀମାନଙ୍କ କଲ୍ୟାଣ ପାଇଁ ସେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ପ୍ରଧାନମନ୍ତ୍ରୀ କହିଛନ୍ତି,

**- V/O - (PM-Parbati Giri)**

ଜାନୁଆରୀ ୨୦୨୬ରେ ତାଙ୍କର ଜନ୍ମ ଶତବାର୍ଷିକୀ ପାଳନ କରାଯିବ। ତାଙ୍କର ପ୍ରେରଣାଦାୟକ ଜୀବନ ପ୍ରତ୍ୟେକ ପିଢ଼ିକୁ ମାର୍ଗଦର୍ଶନ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ପ୍ରଧାନମନ୍ତ୍ରୀ ସୁସ୍ଥ ଜୀବନଶୈଳୀ ଆପଣେଇବା ଏବଂ ଫିଟ୍ ଇଣ୍ଡିଆ ଅଭିଯାନରେ ସାମିଲ ହେବାକୁ ଦେଶବାସୀଙ୍କୁ ଆହ୍ୱାନ କରିଛନ୍ତି।

୨୦୨୫ ମସିହାର ସଫଳତାଗୁଡ଼ିକ ଭାରତର ସାମନ୍ତ ଶକ୍ତିର ପ୍ରମାଣ ଓ ୨୦୨୬ ମସିହା ନୂତନ ଲକ୍ଷ୍ୟ, ସଂକଳ୍ପ ଓ  ଆତ୍ମବିଶ୍ୱାସର ସହ  ଅଗ୍ରସର ହେବାର ବର୍ଷ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମର ସିଧା ପ୍ରସାରଣ **ଭଦ୍ରକ** ଜିଲ୍ଲାର ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କ ସମେତ ପଂଚାୟତବାସୀ ଶୁଣିଛନ୍ତି।

## ରତ୍ନଭଣ୍ଡାର

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାରର ଗଣତିମଣତି ରାଜ୍ୟ ସରକାରଙ୍କ ଅନୁମୋଦନ ପରେ କରାଯିବ ବୋଲି ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଏ ସମ୍ପର୍କୀତ ଉଚ୍ଚସ୍ତରୀୟ କମିଟିର ବୈଠକ ନିଷ୍ପତ୍ତି ଅନୁସାରେ ମହାପ୍ରଭୁଙ୍କର ନୀତିକାନ୍ତିରେ ବ୍ୟାଘାତ ନ ଘଟି ତିନୋଟି ପର୍ଯ୍ୟାୟରେ ଗଣତିମଣତି କରାଯିବ । ଏ ସମ୍ପର୍କରେ ସୂଚନା ଦେଇ ଆଇନମନ୍ତ୍ରୀ କହିଛନ୍ତି....

## - V/O - (ପୃଥ୍ୱୀରାଜ ହରିଚନ୍ଦନ)

ପ୍ରଥମ ପର୍ଯ୍ୟାୟରେ ଚଳନ୍ତି ରତ୍ନଭଣ୍ଡାରର ଗଣତିମଣତି, ପରବର୍ତ୍ତୀ ପର୍ଯ୍ୟାୟରେ ବାହାର ରତ୍ନଭଣ୍ଡାର ଓ ଶେଷ ପର୍ଯ୍ୟାୟରେ ଭିତର ରତ୍ନଭଣ୍ଡାରରେ ଗଚ୍ଛିତ ଅଳଙ୍କାରଗୁଡିକର ଗଣତିମଣତି କରାଯିବ। ଭିତର ରତ୍ନ ଭଣ୍ଡାରର ଗଣତିମଣତି ସମୟରେ ପରିଚାଳନା କମିଟିର ସେବକ ପ୍ରତିନିଧି, ଜଣେ ବଣିଆ ସେବକ, ଆରବିଆଇର ଜଣେ ପ୍ରତିନିଧି ଉପସ୍ଥିତ ରହିବେ। ଭିତର ରତ୍ନଭଣ୍ଡାରର ଗଣତିମଣତି ଶେଷ ପରେ ରତ୍ନଭଣ୍ଡାର ଚାବି ଜିଲ୍ଲା ଟ୍ରେଜେରୀରେ ରଖାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏ ନେଇ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଛି। ଶ୍ରୀମନ୍ଦିରର ରତ୍ନଭଣ୍ଡାରରେ ଥିବା ସୁବର୍ଣ୍ଣ ଅଳଙ୍କାରର ମେଳକ କରାଯିବା ସହ ଗଣତି ମଣତି କରାଯିବ।

## ସିଇସି–ବିଏଲ୍‌ଓ ଆଲୋଚନା

ଭାରତର ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ଆସନ୍ତାକାଲି ଭୁବନେଶ୍ୱରଠାରେ ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କ ସହ ନିର୍ବାଚନ ସମ୍ପର୍କିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବେ। ଖୋର୍ଦ୍ଧା ଏବଂ କଟକ ଜିଲ୍ଲାର ପ୍ରାୟ ୮୦୦ ବୁଥ୍‌ସ୍ତରୀୟ ଅଧିକାରୀ ଏ ନେଇ ଆଲୋଚନାରେ ଅଂଶଗ୍ରହଣ କରିବେ। ଶ୍ରୀ କୁମାର ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ, ନିର୍ବାଚନ କାର୍ଯ୍ୟରେ ସମ୍ପୃକ୍ତ କର୍ମଚାରୀଙ୍କ ସହିତ ତୃଣମୂଳ ସ୍ତରରେ ନିର୍ଭୁଲ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ସମ୍ପର୍କରେ ଆଲୋଚନା କରିବେ। ତୃତୀୟ ପର୍ଯ୍ୟାୟ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପୂର୍ବରୁ ରାଜ୍ୟକୁ ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ଗସ୍ତ ଗୁରୁତ୍ୱପୂର୍ଣ୍ଣ।

## ରଘୁରାଜପୁର ପରିଦର୍ଶନ

ଭାରତର ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ଆଜି ପୁରୀର ଐତିହ୍ୟ କଳାଗ୍ରାମ ରଘୁରାଜପୁର ପରିଦର୍ଶନ କରିଛନ୍ତି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର.ସନ୍ତୁ ଗୋପାଳନ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ପ୍ରମୁଖ ରଘୁରାଜପୁରର ପଟ୍ଟଚିତ୍ର ପ୍ରସ୍ତୁତି ସମ୍ପର୍କରେ ନିର୍ବାଚନ ଆୟୁକ୍ତ ଶ୍ରୀ କୁମାରଙ୍କୁ ଅବଗତ କରାଇଥିଲେ। ପରେ ଶ୍ରୀ କୁମାର ଗୋଟିପୁଅ ନୃତ୍ୟ ଦେଖି ଓଡ଼ିଶାର ପାରମ୍ପରିକ କଳା, ଶିଳ୍ପୀ ଓ କଳାକାର ନମସ୍ୟ ବୋଲି କହିଥିଲେ।

## ବରଗଡ ଧନୁଯାତ୍ରା

**ବରଗଡ଼**ର ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରାର ପଞ୍ଚମ ଦିବସରେ ଆଜି ଜରାସନ୍ଧ ସହ ଯୁଦ୍ଧ, ହେତି-ପ୍ରହେତିଙ୍କ ବିବାହ, ରାକ୍ଷସ- ରାକ୍ଷସୀଙ୍କ

ନିଧନ ଖବର, କାଳିଆ ଦଳନ, ବିଶ୍ୱରୂପ ଦର୍ଶନ ଆଦି କାର୍ଯ୍ୟକ୍ରମ ଅଭିନୀତ ହେବ।

ଚଳିତବର୍ଷ ଆକର୍ଷଣୀୟ ସାଜସଜ୍ଜା ଦର୍ଶକମାନଙ୍କୁ ବିଭୋର କରିଛି ବୋଲି ଆମ ବରଗଡ଼ ଧନୁଯାତ୍ରାର ସହ-ଆୟୋଜକ ଡକ୍ଟର **ତପସ୍ୱିନୀ** କହନ୍ତି.....

## - V/O -

ଚତୁର୍ଥ ଦିବସରେ ଗତକାଲି ବାଣାସୁର ପରାଜୟ ଓ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ଅଭିନୀତ ହୋଇଥିଲା। କୃଷ୍ଣଙ୍କ ବାଲ୍ୟଲୀଳା ଦୃଶ୍ୟାଭିନୟ ଦେଖିବା ପାଇଁ ଗୋପପୁରରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା । ପୌରାଣିକ କଥାବସ୍ତୁର ପ୍ରତ୍ୟେକ ଚରିତ୍ର ଜୀବନ୍ତ ଭୂମିକାରେ ଅଭିନୟ କରି ଲୋକଙ୍କୁ ଦ୍ୱାପର ଯୁଗକୁ ଫେରାଇ ନେବା ପାଇଁ ଏହି ବରଗଡ଼ ଧନୁଯାତ୍ରାରେ ଗତ ୭୭ବର୍ଷ ଧରି ଆୟୋଜନ କରାଯାଉଛି । ଧନୁଯାତ୍ରା ଉପଲକ୍ଷେ ୧୧ ଦିନ ପାଇଁ ବରଗଡ଼ ସହର 'ମଥୁରା' ଏବଂ ଅମ୍ବାପଲ୍ଲି ଅଞ୍ଚଳକୁ 'ଗୋପପୁର' କରାଯାଇଛି ।

## ନୟାଗଡ଼ ଜିଲ୍ଲା ମହୋତ୍ସବ

**ନୟାଗଡ଼** ଜିଲ୍ଲା ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗଦେଇ ରଘୁ-ଦିବାକର, ପଠାଣିସାମନ୍ତଙ୍କ ପାଇଁ ନୟାଗଡ଼ବାସୀ ଗର୍ବିତ ବୋଲି କହିଛନ୍ତି। ରାଜ୍ୟ ସରକାରଙ୍କ ପ୍ରୟାସ ଯୋଗୁଁ

ନୟାଗଡ଼ରେ ଥିବା ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ରର ଅଭିବୃଦ୍ଧି ଘଟିଛି। ମହୋତ୍ସବ ଅବସରରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।